# Akashvani, Sambalpur

## SAMBALPURI NEWS EVENING BULLETIN

## 3 June 2026-7.02- 7.12 pm.

---

୧- ବିପର୍ଯ୍ୟୟ ପରିଚାଳନା ବିପଦ୍ କମ୍ କର୍‌ବାର୍ ଲାଗି ପୁରୀ ନ ମୁଲ୍ ହେଲା ବ୍ରିକ୍ସ ରାଷ୍ଟ୍ରସମୂହ ବୈଠକ୍ ।

୨- ଓଡ଼ିଶାର୍ ରାମେଶ୍ୱର୍ ନୁ ପାରାଦ୍ୱୀପ୍‌ତକ୍ ପାଖାପାଖି ଶହେ ୬୦ କିଲୋମିଟର୍ ନୂଆଁ କୋଷ୍ଟାଲ୍ ହାଇୱେ ତିଆରି ଲାଗି ମିଲ୍‌ଲା କେନ୍ଦ୍ର କେବିନେଟ୍‌ର ମଞ୍ଜୁରୀ ।

୩- ପଂଚାୟତିରାଜ୍ ମନ୍ତ୍ରଣାଳୟ ତର୍‌ଫୁ ଦିଆଗଲା ଜାତୀୟ ପଂଚାୟତ୍ ପୁରସ୍କାର୍ ।

- ପୁରସ୍କାର୍ ପାଏଲେ ଓଡ଼ିଶାର୍ ୫ ଟା ପଂଚାୟତ୍ ।

ଆଉର୍

୪- ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏବାକାଏଲ୍ ପୁହୁଁଚିବା କେରଳମ୍- ଭାରତୀୟ ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ।

ବ୍ରିକ୍ସ ସମ୍ମିଳନୀ        ପୁରୀ ସମ୍ବାଦଦାତା

ବିପର୍ଯ୍ୟୟ ପରିଚାଳନା ବିପଦ୍ କମ୍ କର୍‌ବାର୍ ଲାଗି ପୁରୀ ନ ବ୍ରିକ୍ସ ରାଷ୍ଟ୍ର ସମୂହର୍ ୨ ନମ୍ବର୍ ବୈଷୟିକ୍ କାର୍ଯ୍ୟଗୋଷ୍ଠୀ ବୈଠକ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ଇଥି ଭାରତ୍ ସହେତେ ବ୍ରାଜିଲ୍, ଋଷିଆ, ଚୀନ୍, ଦକ୍ଷିଣ୍ ଆଫ୍ରିକା, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍, ସାଉଦିଆରବ୍, ଇଜିପ୍ଟ ଆଉ ୟୁଏଇର ପ୍ରତିନିଧିମାନେ ଯୋଗ୍ ଦେଇଛନ୍ । ଶୁକ୍ରବାର୍‌ତକ୍ ହେବାର୍‌କେ ଥିବା ବୈଠକ୍‌ଥି ବ୍ରିକ୍ସ ଦେଶ୍ ମାନ୍‌କର୍ ପ୍ରତିନିଧି ଆଉ ବିଶେଷଜ୍ଞମାନେ ଯୋଗ୍ ଦେଇକରି ବିପର୍ଯ୍ୟୟ ପରିଚାଳନା, ପ୍ରତିରୋଧ୍ କ୍ଷମତା ବଢ଼ାବାର୍ ଆଉ ଅନ୍ତର୍ଜାତୀୟ ସହଯୋଗ୍ ବାବଦ୍ ଭିନ୍ ଭିନ୍ ପ୍ରସଙ୍ଗ ଉପ୍‌ରେ ଆଲୋଚନା କର୍‌ବେ । ପହେଲା ଦିନେ ଆଏଜ୍ ୬ ଟା ବୈଷୟିକ୍ ଅଧିବେଶନ୍‌ଥି ଆଲୋଚନା ହେବାର୍ ଲାଗି ଧାରିଜ୍ ହେଇଛେ । ଉଦ୍‌ଘାଟନୀ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେବେ । ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଆଉ ବୈଦେଶିକ୍ ମନ୍ତ୍ରଣାଳୟର୍ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଅଶ୍ୱିନୀ ବୈଷ୍ଣବ-କୋଷ୍ଟାଲ୍ ହାଇୱେ      ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଆର୍ଥିକ୍ ବ୍ୟାପାର୍ କେବିନେଟ୍ କମିଟିର୍ ବୈଠକ୍‌ଥି ଓଡ଼ିଶାର୍ ରାମେଶ୍ୱର୍‌ନୁ ପାରାଦ୍ୱୀପ୍‌ତକ୍ ପାଖାପାଖି ଶହେ ୬୦କିଲୋମିଟର୍ ନୂଆଁ କୋଷ୍ଟାଲ୍ ହାଇୱେ ନିର୍ମାଣ୍‌କେ ମଞ୍ଜୁରୀ ମିଲିଛେ । କେନ୍ଦ୍ର ସୂଚ୍‌ନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଗଣମାଧ୍ୟମ୍‌ଥି ସୂଚ୍‌ନା ଦେଇକରି କହିଛନ୍, ଇ ହାଇୱେ ଓଡ଼ିଶାର୍ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଆଉ ଜଗତ୍‌ସିଂହପୁର୍ ଜିଲ୍ଲା ଦେଇକରି ଯିବା । ଇ ପ୍ରକଳ୍ପ ଲାଗି ମୋଟ୍ ୮ ହଜାର୍ ୩ ଶହ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚା ହେବା ।

(ଭଏସ୍ ଓଭର୍- ଅଶ୍ୱିନୀ ବୈଷ୍ଣବ୍)

ପ୍ରକଳ୍ପ ପୁରା ହେଲେ ରାମେଶ୍ୱର୍ ପାରାଦ୍ୱୀପ୍ ଭିତ୍‌ରେ ଯା'ଆସ୍ ସମିଆ ପାଖାପାଖି ଅଢ଼େଇ ଘଂଟା କମିଯିବା । ପ୍ରଧାନ୍‌ମନ୍ତ୍ରୀ ଗତିଶକ୍ତି ନୀତି ଅନ୍‌ସାରେ ଇଟା ୯ ଟା ଆର୍ଥିକ୍ ନୋଡ୍ ଆଉ

୫ ଟା ଲଜିଷ୍ଟିକ୍ ନୋଡ଼୍‌କେ ସଂଯୋଗ୍ କର୍‌ବା ବଲି ଶ୍ରୀ ବୈଷ୍ଣବ୍ ସୂଚ୍‌ନା ଦେଇଛନ୍ ।

ପଂଚାୟତ୍ ପୁରସ୍କାର୍ ଏନ୍‌ଏସ୍‌ଡି

ପଂଚାୟତିରାଜ୍ ମନ୍ତ୍ରଣାଲୟ ତର୍‌ଫୁ ଆଏଜ୍ ଜାତୀୟ ପଂଚାୟତ୍ ପୁରସ୍କାର୍ ଦିଆଯାଇଛେ । ଇଥିର୍‌ଲାଗି ଓଡ଼ିଶାକେ ୫ ଟା ବର୍ଗଥି ବଛାଯାଇଛେ । ଦୀନ୍‌ଦୟାଲ୍ ଉପାଧ୍ୟାୟ ପଂଚାୟତ୍ ଶତତ ବିକାଶ୍ ପୁରସ୍କାର୍ ବର୍ଗଥି ଗଞ୍ଜାମ୍ ଜିଲ୍ଲାର୍ ଛତ୍ରପୁର୍ ବ୍ଲକ୍‌ର ପୋଟ୍‌ଲାମ୍‌ପୁର୍ ଗ୍ରାମ୍‌ପଂଚାୟତ୍ ସୁସ୍ଥ ଗ୍ରାମ୍ ପଂଚାୟତ୍ ଭାବେ ଦେଶେ ଯୁଗ୍ମ ୩ ନମ୍ବର୍ ଠାନ୍ ଅଧିକାର୍ କରିଛେ । ଇ ପଂଚାୟତ୍‌କେ ୨୫ ଲାଖ୍ ଟଙ୍କାର୍ ପୁରସ୍କାର୍ ଦିଆଯାଇଛେ । ଭର୍‌ପୁର୍ ପାଏନ୍ ଯୁଗଉଥିବାର୍ ଗ୍ରାମ୍‌ପଂଚାୟତ୍ ବର୍ଗଥି କେନ୍ଦୁଝର୍ ଜିଲ୍ଲାର୍ ଚମ୍ପୁଆ ବ୍ଲକ୍‌ର ପଡୁଆ ଗ୍ରାମ୍‌ପଂଚାୟତ୍ ସର୍ବଭାରତୀୟ ସ୍ତର୍ ନ ୩ ନମ୍ବର୍ ଠାନେ ରହିଛେ । ସେନ୍ତା ସ୍ୱଚ୍ଛ ଆଉ ସବୁଜ ଗ୍ରାମ୍‌ପଂଚାୟତ୍ ବର୍ଗଥି ସୁନ୍ଦର୍‌ଗଡ୍ ଜିଲ୍ଲା ଲାଠିକଟା ବ୍ଲକ୍‌ର ହାତୀବନ୍ଧା ଗ୍ରାମ୍‌ପଂଚାୟତ୍ ଦେଶେ ଯୁଗ୍ମ ଭାବେ ୨ ନମ୍ବର୍ ଠାନ ପାଇଛେ । ସାମାଜିକ୍ ଭାବେ ସୁରକ୍ଷିତ୍

ଆଉ ସାମାଜିକ୍ ନ୍ୟାୟସଂଗଠନ୍ ଗ୍ରାମ୍ପଂଚାୟତ୍ ବର୍ଗ୍ଥି ଗଞ୍ଜାମ୍ ଜିଲ୍ଲା ପୋଲ୍ସରା ବ୍ଲକ୍ ମନ୍ଦାର ଗ୍ରାମ୍ପଂଚାୟତ୍ ଦେଶେ ଯୁଗ୍ମ ୨ ନମ୍ବର୍ ଠାନ୍ ପାଇଛେ । ନାନାଜୀ ଦେଶ୍ମୁଖ ସର୍ବୋତମ୍ ପଂଚାୟତ୍ ଶତତ ବିକାଶ୍ ବର୍ଗ୍ଥି ଗଞ୍ଜାମ୍ ଜିଲ୍ଲା ପରିଷଦ୍ ଦେଶେ ୨ ନମ୍ବର୍ ଠାନେ ରହିଛେ ।

ଗ୍ରୀନ୍ ହାଇଡ୍ରୋଜେନ୍ ବୈଠକ୍ ଆଇ.ଆଣ୍ଡ୍.ପି.ଆର୍

ସବୁଜ ପରିବହନ୍କେ ତହଁକାବାର୍ ଲାଗି ଭୁବନେଶ୍ୱର୍ ପୋଖରୀପୁଟ୍ କ୍ରୁଟ୍ ଡିପୋ ନ ରାଜ୍ୟର୍ ପହେଲା ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ୍ ଆଉ ରିଫିଲିଂ କେନ୍ଦ୍ର ଥାପ୍ନା ହେବା । ଇଥିର୍ଲାଗି ମୋଟ୍ ୫୩ କୋଟି ୫୫ ଲାଖ୍ ଟଙ୍କା ଖର୍ଚ୍ଚା ହେବା । ଜାତୀୟ ଗ୍ରୀନ୍ ହାଇଡ୍ରୋଜେନ୍ ମିଶନ୍ ଅଧୀନ୍ଥି କେନ୍ଦ୍ର ସର୍କାର୍ ୧୯ କୋଟି ୫୨ ଲାଖ୍ ଟଙ୍କାର୍ ସାହାଜ୍ ଦେଇଛନ୍ । ବାକି ଟଙ୍କା ରାଜ୍ୟ ଆଉ ଅଂଶୀଦାର୍ମାନ୍କର୍ନୁ ଆସ୍ବା । କ୍ରୁଟ୍, ଏନ୍ଟିପିସି ଆଉ ଗ୍ରୀଡ୍କୋ ମିଶିକରି ଇତାକେ କାର୍ଯ୍ୟକାରୀ କର୍ବେ । ଦିନ୍କ ୨ ଶହ ୬୦ କେଜି ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ୍ ହେଇକରି ୬ ଶହ

କିଲୋମିଟରତକ୍ ବସ୍ ଚାଲ୍‌ବା । ଇଥିର୍‌ଜରିଏ ବଛରକ ୯ ଶହ ଟନ୍ ଅଙ୍ଗାରକାମ୍ଳ ବାହାର୍‌ବାର୍‌ଟା କମ୍ ହେଇପାର୍‌ବା । ରାଏଜେ ସ୍ଥାୟୀ ସହରୀ ପରିବହନ୍ ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ଦିଗେ ଗ୍ରୀନ୍ ହାଇଡ୍ରୋଜେନ୍ ଆଉ ସବୁଜ୍ ଉଦ୍‌ଯାନ ଗତିଶୀଳତା ପ୍ରକଳ୍ପ ବାବ୍‌ଦେ ଗୃହନିର୍ମାଣ ଆଉ ନଗର ଉନ୍ନୟନ୍ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଉଷାପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ନୁ ଇଟା ଜନାପଡ଼ିଛେ ।

ଓପିଜିସି ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶା ପାୱାର୍ ଜେନେରେସନ୍ କେର୍ପୋରେସନ୍ ଲିମିଟେଡ୍ - ଓପିଜିସି ବିଦ୍ୟୁତ୍ ଉତ୍ପାଦନ୍ କ୍ଷେତ୍ରଥି ଅସାଧାରଣ୍ କାର୍ଯ୍ୟଦକ୍ଷତା ଆଉ ବିଶ୍ୱସନୀୟତା ପ୍ରଦର୍ଶନ୍ କରିକରି ରାଜ୍ୟ କ୍ଷେତ୍ରଥି ପହେଲା ଠାନ୍ ପାଇଛେ । ଦେଶର୍ ସବୁ ରାଜ୍ୟସ୍ତରୀୟ ବିଦ୍ୟୁତ୍ ଉତ୍ପାଦନ୍‌କାରୀମାନ୍‌କର୍ ଭିତ୍‌ରେ ଇଟା ପହେଲା ଆଏ । ସାରା ଦେଶର୍ ସବୁ ସର୍‌କାରୀ ଆଉ ବେସର୍‌କାରୀ କ୍ଷେତ୍ର ଭିତ୍‌ରେ ୧୦ ନମ୍ବର୍ ଠାନେ ରହିଛେ

ଆଉ ହଜାରେ ମେଗାୱାଟ୍‌ନୁ ଅଏତ୍‌କା କ୍ଷମତା ଥିବା ପ୍ଲାଂଟ୍ ଭିତ୍‌ରେ ଦେଶେ ୬ ନମ୍ବର୍ ଠାନେ ରହିଛେ । ଓପିଜିସିର ଇ ସଫଲତା ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀଙ୍କର୍ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଆଉ ଦିଗ୍‌ଦର୍ଶନ୍ ଲାଗି ସମ୍ଭବ୍ ହେଇପାରିଛେ । ଉନ୍ନତ୍ ପ୍ଲାଂଟ୍ ପରିଚାଲନା, ସଠିକ୍ ଦେଖ୍‌ରେଖ୍ ଆଉ କର୍ମଚାରୀମାନ୍‌କର୍ ନିଷ୍ଠା ଲାଗି ଓପିଜିସି ଭାରତ୍‌ର ଗୁଟେ ଆଗ୍‌ଧାଡ଼ିର୍ ବିଦ୍ୟୁତ୍ ଉତ୍ପାଦନ୍‌କାରୀ ଭାବେ ନିଜର୍ ଜାଗା ମଜ୍‌ବୁତ୍ କରିଛେ ।

ଶ୍ରୀମନ୍ଦିର୍- ଇ-ହୁଣ୍ଡି ଆଇ.ଆଣ୍ଡ୍.ପି.ଆର୍

ଦେଶ୍ ବିଦେଶ୍ ନ ରହୁଥିବା ଲାଖ୍ ଲାଖ୍ ଜଗନ୍ନାଥ୍ ଭକ୍ତଙ୍କର୍ ସୁବିଧା ଲାଗି ପୁରୀ ଶ୍ରୀମନ୍ଦିର୍ ନ ଇ-ହୁଣ୍ଡି ବ୍ୟବସ୍ଥା କର୍‌ବାର୍ ଲାଗି ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଇ-ହୁଣ୍ଡି ବ୍ୟବସ୍ଥାକେ ସଫଲତାର୍ ସହେତେ କାର୍ଯ୍ୟକାରୀ କର୍‌ବାର୍ ଲାଗି ଆଲୋଚନା କରାଯାଇଛେ । ବୈଠକ୍‌ଥି ଭକ୍ତ ଆଉ ଶ୍ରଦ୍ଧାଳୁମାନେ ନିଜର୍ ଜନମ୍‌ଦିନ୍,

ବିବାହବାର୍ଷିକୀ ଆଉ ମନସ୍କାମନା ପୁରା ହେବାର୍ ଖୁସିଥି ଅନ୍‌ଲାଇନ୍ ଜରିଏ ଶ୍ରୀମନ୍ଦିର୍ ହୁଣ୍ଡି ନ ଦାନ୍ କରିପାର୍‌ବେ ବଲି ଆଲୋଚନା ହେଇଛେ ।

ବନକଲାଗି ଆର୍‌ଏନ୍‌ୟୁ/ ସମ୍ବଲପୁର

ଜେଠ୍ ମଳମାସ ତୃତୀୟା ତିଥି ଅବ୍‌ସରେ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ବନକଲାଗି ନୀତି ହେଉଛେ । ମହାପ୍ରଭୁଙ୍କର୍ ଇ ଶୃଙ୍ଗାର ଗୁପ୍ତନୀତି ଲାଗି ସଞ୍ଜର୍ ୬ ବଜେନୁ ରାତିର୍ ୧୦ ବଜେତକ୍ ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହେବା । ଦୁଇନମ୍ବର୍ ଭୋଗମଣ୍ଡପ୍ ନୀତି ଶେଷ୍ ହେବାର୍ ଉତ୍‌ରୁ ମହାପ୍ରଭୁଙ୍କର୍ ବନକଲାଗି ନୀତି ମୁଲ୍ ହେଇଛେ ।

ସିବିଏସ୍‌ଇ ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼-ସିବିଏସ୍‌ଇ ତର୍‌ଫୁ ପୁନଃ ମୂଲ୍ୟାୟନ୍ ଲାଗି ମୁଲ୍ ହେଇଥିବା ପୋର୍ଟାଲ୍‌ଥି ଏବ୍‌ତକ୍ ୪୦

ହଜାର୍ ଛାତ୍ରଛାତ୍ରୀ ସଫଲତାର୍ ସହେତେ ଆବେଦନ୍ କରିଥିବାର୍ ବୋର୍ଡ଼ ତର୍ଫୁ କୁହାଯାଇଛେ । ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀମାନ୍‌କର୍ ଲାଗି ବୋର୍ଡ଼ ତର୍ଫୁ ଉତର୍ ଖାତାର୍ ସ୍କେନ୍ କପି ଦିଆଯିବାର୍ ଆଉ ପୁନଃ ମୂଲ୍ୟାୟନ୍ ଲାଗି ଗୁଟେ ନୂଆଁ ପୋର୍ଟାଲ୍ ଖୁଲାଯାଇଛେ । ଇଥିର୍‌ଲାଗି ଭିନ୍ ଭିନ୍ ବେଙ୍କ ଜରିଏ ଫିସ୍ ଦେବାର୍ ବ୍ୟବସ୍ଥା କରାଯାଇଛେ ।

ରାଷ୍ଟ୍ରୀୟ ଆଇନ୍‌ସେବା ପ୍ରାଧିକରଣ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସଦର୍ ବ୍ଲକ୍‌ର ସାଲିହା ଗ୍ରାମ୍ ପଂଚାୟତ୍ ନ ସାଲିହା ସେବାଶ୍ରମ୍‌ଥି ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍ଫୁ ଆଇନ୍ ସଚେତନତା ଶିବିର୍ ହେଇଯାଇଛେ । ଇଥି ନାଲ୍‌ସା ଦେୟମୁକ୍ତ ହେଲ୍ପଲାଇନ୍ ନମ୍ବର୍ ୧୫୧୦୦, ଜାତୀୟ ଆଇନ୍‌ସେବା ପ୍ରାଧିକରଣ୍ ପୋର୍ଟାଲ୍‌ଥି ପୋକ୍‌ସୋ ଆଇନ୍ ଅଧିନିୟମ୍ ଉପ୍‌ରେ ଆଲୋଚନା ହେଇଛେ । ଶିବିର୍‌ଥି ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ସଚିବଙ୍କର୍ ସହେତେ ସ୍ଥାନୀୟ ସର୍‌ପଂଚ୍, ସେବାଶ୍ରମର ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ୍ ଥିଲେ ।

କବାଡ଼ି କପ୍          ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ନ କ୍ରୀଡ଼ାର୍ ବିକାଶ୍ ଆଉ କବାଡ଼ି ଖେଲ୍‌କେ ଲୋକପ୍ରିୟ କର୍‌ବାର୍ ଲାଗି ଆଏବାକାଏଲ୍‌ଠାନୁ ସମ୍ବଲ୍‌ପୁର୍ କବାଡ଼ି କପ୍ ମୁଲ୍ ହେବା । ସମ୍ବଲ୍‌ପୁର୍ ନ ହେବାର୍‌କେ ଥିବା ସର୍ବଭାରତୀୟ ପ୍ରତିଯୋଗିତାଥି ଦେଶର୍ ବଛାବଛା ୧୦ ଟା ଦଲ୍ ଭାଗ୍ ନେଇଛନ୍ । ଫି' ଦିନ ଉପର୍‌ବେଲା ୫ ବଜେନୁ ଡେରିରାତିତକ୍ ମେଚ୍ ଚାଲ୍‌ବା । ସ୍ଥାନୀୟ ଖେଳାଳିମାନେ ଜାତୀୟ ଦଲ୍ ଆଉ ପ୍ରୋକବାଡ଼ିଥି ଠାନ୍ ପାଏବାର୍ ଲାଗି ଇଟା ଗୁଟେ ଭଲ୍ ସୁଯୋଗ୍ ଆଏ ବଲି ଆୟୋଜକଙ୍କର୍ ତର୍‌ଫୁ କୁହାଯାଇଛେ । ଆଏବା ୬ ତାରିଖ୍ ଦିନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇଥି ସାମିଲ୍ ହେବାର୍ ଲାଗି ସମ୍ବଲ୍‌ପୁର୍ ଆସ୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ସୁଭଦ୍ରା ଶକ୍ତି କେଫେ          ହି.ସ.

ଝାର୍‌ସୁଗୁଡ଼ା ଜିଲ୍ଲା ସଂସ୍କୃତି ଭବନ୍ ନ ଥିବା ଜିଲ୍ଲା ଗ୍ରନ୍ଥାଗାର୍ ପରିସର୍ ନ ସୁଭଦ୍ରା ଶକ୍ତି କେଫେ ଉଦ୍‌ଘାଟିତ୍ ହେଇଯାଇଛେ ।

ଜିଲ୍ଲାପାଲ୍ କୁନାଲ୍ ମୋତିରାମ୍ ଚୌହାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଇତାର୍ ଉଦ୍‌ଘାଟନ୍ କରିଛନ୍ । ମହିଲାମାନ୍‌କୁ ସ୍ୱାବଲମ୍ବୀ କର୍‌ବାର୍ ଦିଗେ ଇଟା ଗୁଟେ ବର୍‌କସ୍ ଜରିଆ ବଲି ଜିଲ୍ଲାପାଲ୍ କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏବା କାଏଲ୍ କେରଳମ୍ ପହୁଁଚିବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ଆକଲନ୍ କରିଛେ । ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଏଲ୍‌ନିନୋ ପ୍ରଭାବ୍‌ନୁ ମୌସୁମୀ ବାୟୁର୍ ଅଗ୍ରଗତି କମିଯାଇଛେ । ପାଣିପାଗ୍ ବିଭାଗ୍‌ର ମହାନିର୍ଦ୍ଦେଶକ୍ ଡକ୍ଟର୍ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍, ଏଲ୍‌ନିନୋର ପ୍ରଭାବ୍‌ଥି ମୌସୁମୀ ବର୍ଷା କମ୍ ହେଇପାରେ । ଜୁନ୍ ନୁ ସେପ୍ଟେମ୍ବର୍ ମାସ୍ ଭିତ୍‌ରେ କମ୍ ବର୍ଷା ହେବାର୍ ସମ୍ଭାବନା ରହିଛେ ।

(ଭଏସ୍ ଓଭର୍- ମୃତ୍ୟୁଞ୍ଜୟ ମହାପାତ୍ର)

ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି ଆର୍ ଘଡ଼୍‌ଘଡ଼ି ସହେତେ ବର୍ଷା ହେବା ବଲି ସବୁ ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।